## ସଂକ୍ଷେପରେ

### ସ୍ତ୍ରୀ ହନ୍ତାଙ୍କୁ ଆଜୀବନ କାରାଦଣ୍ଡ

ଉମରକୋଟ, ୧୭।୨(ସ୍ୱ.ପ୍ର.):ମଦ୍ୟପାନ କରି ସ୍ତ୍ରୀଙ୍କୁ ହତ୍ୟା କରିଥିବା ଅଭିଯୋଗରେ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି ଉମରକୋଟ ଅତିରିକ୍ତ ଜିଲା ଦୌରା ଜଜ୍ ସୁନିଲ କୁମାର ଦାସ। ୧୮ ଜଣ ସାକ୍ଷ୍ୟ ପ୍ରମାଣ ଓ ଘଟଣା ସ୍ଥଳରେ ଉପସ୍ଥିତ ଝିଅଙ୍କ ବୟାନ ଆଧାରରେ ଅଭିଯୁକ୍ତ ସୁନାଧର ପୂଜାରୀଙ୍କୁ ଏହି ଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହ ତାଙ୍କୁ ୫ହଜାର ଟଙ୍କା ଜରିମାନା ଆଦେଶ ମଧ ରହିଛି। ଜରିମାନା ଅନାଦେୟ କ୍ଷେତ୍ରରେ ଅଧିକ ୬ମାସ ଜେଲ୍ ଭୋଗିବାକୁ ପଡିବ ବୋଲି ରାୟ ପ୍ରକାଶ ପାଇଛି। ସୂଚନାନୁଯାୟୀ ରାଇଘର ଥାନା ଅଧୀନ ବାଗବେଡା ଗ୍ରାମର ଜେମା ପୂଜାରୀ ଝରିଗାଁ ଥାନା ଅଧୀନ କୁସୁମୀ ଗ୍ରାମର ସୁନାଧର ପୂଜାରୀଙ୍କୁ ୨୦୦୬ରେ ବିବାହ କରିଥିଲେ। ବିବାହ ପରଠାରୁ ସୁନାଧର ପ୍ରଚୁର ମଦ ପିଇ ଜେମାଙ୍କୁ ଗାଳିଗୁଲଜ ସହ ମାଡ଼ ମାରୁଥିଲେ। ୨୦୧୪ ୧୩ ମେ ରେ ସୁନାଧର ପ୍ରଚୁର ମଦ ପିଇ କାଠ ଫାଳିଆରେ ଜେମାଙ୍କୁ ମାଡ଼ ମାରିଥିଲେ। ଘଟଣାସ୍ଥଳରେ ଜେମାଙ୍କ ମୃତ୍ୟୁ ଘଟିଥିଲା। ଗାଁ ଲୋକ ଓ ସ୍ଥାନୀୟ ସରପଞ୍ଚ କୁସୁମୀ ଜେମାଙ୍କ ଭାଇ ଖଗ ପୂଜାରୀଙ୍କୁ ଖବର ଦେଇଥିଲେ। ଖଗ ରାଇଘର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ରାଇଘର ପୋଲିସ ସୁନାଧରଙ୍କୁ ଗିରଫ କରିବା ସହ ପ୍ରତ୍ୟକ୍ଷଦର୍ଶୀ ୬ ବର୍ଷର ଝିଅଙ୍କ ବୟାନ ରେକର୍ଡ କରି ମାମଲା ତଦନ୍ତ ଆରମ୍ଭ କରିଥିଲେ। ମୃତକ ଜେମା ପୂଜାରୀଙ୍କ ପକ୍ଷରୁ ସରକାରୀ ଓକିଲ ଝାଡେଶ୍ୱର ମହାନ୍ତି କେସ୍ ପରିଚାଳନା କରୁଥିଲେ।

### ପୌର ଅଧ୍ୟକ୍ଷ ପ୍ରାର୍ଥୀ ହେବାକୁ ଆବେଦନପତ୍ର



ନବରଙ୍ଗପୁର, ୧୭।୨(ବି.ପ୍ର.): ଆଗାମୀ ପୌର ନିର୍ବାଚନରେ ପୌର ପରିଷଦ ଅଧ୍ୟକ୍ଷ ପ୍ରାର୍ଥୀ ହେବାକୁ ନବରଙ୍ଗପୁର ନଗର କଂଗ୍ରେସ ସଭାପତି ଭୀମ ହରିଜନ ଜିଲା କଂଗ୍ରେସ ସଭାପତି ମୁନା ତ୍ରିପାଠୀଙ୍କୁ ଆବେଦନ ପତ୍ର ଦେଇଛନ୍ତି। ଉକ୍ତ ଆବେଦନ ପତ୍ର ପିସିସି ସଭାପତିଙ୍କ ନିକଟକୁ ପଠାଇ ଦିଆଯିବ ବୋଲି ମୁନା ତ୍ରିପାଠୀ ଖବରଦାତା ସମ୍ମିଳନୀରେ କହିଛନ୍ତି। କଂଗ୍ରେସ କମିଟିର ନିୟମାନୁଯାୟୀ ପ୍ରଦେଶ ନିର୍ବାଚନ କମିଟି ନିକଟରେ ଉପସ୍ଥାପନ କରିବା ପରେ ଅନୁମୋଦନ ହୋଇ ଆସିଲେ ଭୀମ ହରିଜନ ପ୍ରାର୍ଥୀ ଟିକେଟ ପାଇପାରିବେ ବୋଲି ସେ କହିଛନ୍ତି। ଖବରଦାତା ସମ୍ମିଳନୀରେ ସତ୍ୟନାରାୟଣ ତ୍ରିପାଠୀ, ପିସିସି ସଭ୍ୟ ଦିଲୀପ ବେହେରା, ବାସୁଦେବ ପଟ୍ଟନାୟକ , ପରି ସାହୁ , ବ୍ଲକ ସଭାପତି ଅବଦୁଲ ଫିରୋଜ ପ୍ରମୁଖ ଉପସ୍ଥିତ ଥିଲେ।

### ନିର୍ବାଚନ ସେକ୍ଟର ଅଧିକାରୀ, ଭୋଟ ଗଣତି କର୍ମଚାରୀଙ୍କୁ ତାଲିମ

ଡାବୁଗାଁ, ୧୭।୨(ଡି.ଏନ୍.ଏ.): ଡାବୁଗାଁ ସରକାରୀ ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସେକ୍ଟର ଅଧିକାରୀ ଓ ଭୋଟ ଗଣତି କର୍ମଚାରୀଙ୍କୁ ତାଲିମ ଦିଆଯାଇଛି। ଏଥିରେ ବିଡିଓ ତଥା ବ୍ଲକ ନିର୍ବାଚନ ଅଧିକାରୀ ଶରତ ମାଝି, ଏବିଡିଓ ପଦ୍ମନାଭ ତ୍ରିପାଠୀ, ତହସିଲଦାର ସନ୍ଧ୍ୟା ସମରଥ, ସହକାରୀ ନିର୍ବାହୀ ଯନ୍ତ୍ରୀ ମାନସ କୁମାର ନେଟୀ ଓ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଏ.ଡି. ପ୍ରସାଦ ପ୍ରମୁଖ ପ୍ରୋଜେକ୍ଟର ମାଧମରେ ତାଲିମ ଦେଇଥିଲେ। ଏଥିରେ ସେକ୍ଟର ଅଧିକାରୀମାନେ ବୁଥ୍‌ଗୁଡିକୁ ବୁଲି ମତଦାନ ଦେଖିବା, ବୁଥ୍‌ରେ ପୋଲିଂ ପାର୍ଟି ପହଞ୍ଚିବା, ବୁଥ୍‌ଗୁଡିକ ଠିକ ଅଛି କି ନାହିଁ, ସୁରୁଖୁରୁରେ ମତଦାନ ହେଉଛିକି ନାହିଁ ଏହି କାର୍ଯ୍ୟ ତଦାରଖ କରିବା ଉପରେ ତାଲିମ ଦିଆଯାଇଥିଲା। କିପରି ଭୋଟ ଗଣିବେ ଓ ଭୋଟ ଗଣତି ସମୟରେ କ'ଣ ସାବଧାନତା ଅବଲମ୍ବନ କରାଯିବ ସେ ସମ୍ପର୍କରେ ଭୋଟ ଗଣତି କର୍ମଚାରୀମାନଙ୍କୁ ତାଲିମ ଦିଆଯାଇଥିଲା। ଏଥିରେ ସେକ୍ଟର ଅଧିକାରୀଭାବେ ସହକାରୀ ଯନ୍ତ୍ରୀ ବିଜୟ ସିଂ, ଭାରପ୍ରାପ୍ତ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଅତନୁ ଦେଉରୀ, କନିଷ୍ଠ ଯନ୍ତ୍ରୀ ପ୍ରଶାନ୍ତ କୁମାର ଚୌଧୁରୀ, ଏ. କେ ମଣ୍ଡଳ, ବ୍ରହ୍ମଦତ୍ତ ସାହୁ, ଜଳ ଓ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ ରୋହିତ କୁମାର କିଷାନ, ସହକାରୀ କୃଷି ଅଧିକାରୀ ସୌମେନ୍ଦ୍ର ବିଶ୍ୱାସ, ଏପିଓ ବର୍ଣ୍ଣବାସ ନାୟକ, ସିଆରସିସି ରତିକାନ୍ତ ନାୟକ, ବିକାଶ ରଞ୍ଜନ ନିଶଙ୍କ, ପଙ୍କଜ କୁମାର ମହାନ୍ତି, ରାଇସିଂ ପୂଜାରୀ ଓ ପ୍ରାଣୀଧନ ନିରିକ୍ଷକ ରାକେଶ କୁମାର ଶିବ, ସୋସିଆଲ ଅଡିଟର ସାରଦା ପ୍ରସାଦ ତ୍ରିପାଠୀ ଓ ୮୦ଜଣ ଭୋଟ ଗଣତି କର୍ମଚାରୀ ତାଲିମ ନେଇଥିଲେ। ସମସ୍ତ କର୍ମଚାରୀ ୪୮ ଘଣ୍ଟା ମଧ୍ୟରେ କରୋନା ନେଗେଟିଭ ରିପୋର୍ଟ ଦେଇ ଭୋଟ ଗଣତି କେନ୍ଦ୍ରରେ ପ୍ରବେଶ କରିବେ। ଫେବୃୟାରୀ ୨୬ ଓ ୨୭ ୨ ଦିନ ଭୋଟ ଗଣତି କାର୍ଯ୍ୟକ୍ରମ ରହିଛି।

# ବୋଟ୍‌ରେ ଜଳଭଣ୍ଡାର ପାରିହୋଇ ବୁଥ୍‌ରେ ପହଞ୍ଚିଲେ ପୋଲିଂ ଅଧିକାରୀ

- ଆଜି ଦ୍ୱିତୀୟ ପର୍ଯ୍ୟାୟ ପଞ୍ଚାୟତ ନିର୍ବାଚନ
- ଜଳଭଣ୍ଡାର ଭିତରେ ଥିବା ୫ ଗାଁରେ ଅଛନ୍ତି ୨୯୪ ଭୋଟର

ନବରଙ୍ଗପୁର,୧୭।୨(ବି.ପ୍ର.)



ଅଧିକାରୀମାନେ କେନ୍ଦୁଗୁଡ଼ା ଘାଟରୁ ବୋଟ୍‌ରେ ବୁଥ୍ ଅଭିମୁଖେ ଯାଉଛନ୍ତି।

ଦେଶ ସ୍ୱାଧୀନତାର ୭୫ ବର୍ଷ ପରେ ମଧ ସୁଧୁରୁନି ଗମନାଗମନ ବ୍ୟବସ୍ଥା। ଏବେ ମଧ ଲୋକେ ବିପଦସଙ୍କୁଳଭାବେ ଯାତ୍ରା କରୁଛନ୍ତି। ଏହାର ଏକ ଉଦାହରଣ ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକରେ। ଶୁକ୍ରବାର ଏଠାରେ ଦ୍ୱିତୀୟ ପର୍ଯ୍ୟାୟ ପଞ୍ଚାୟତ ନିର୍ବାଚନ ହେବ। ଏଠାରେ ଉପର ଇନ୍ଦ୍ରାବତୀ ଜଳବିଦ୍ୟୁତ୍ ପ୍ରକଳ୍ପ ଇନ୍ଦ୍ରାବତୀ ଜଳଭଣ୍ଡାର ମଧ୍ୟରେ ଥିବା ଗାଁକୁ ଗୁରୁବାର ପୋଲିଂ ଅଧିକାରୀମାନେ ବୋଟ୍‌ରେ ଯାଇ ପହଞ୍ଚିଛନ୍ତି।

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକରେ ଶୁକ୍ରବାର ପଞ୍ଚାୟତ ନିର୍ବାଚନ ହେବ। ବ୍ଲକର ମଞ୍ଜାଗାଁ ପଞ୍ଚାୟତର ୧୮ ନମ୍ବର ୱାର୍ଡ ଉପର ଇନ୍ଦ୍ରାବତୀ ଜଳବିଦ୍ୟୁତ୍ ପ୍ରକଳ୍ପର ଇନ୍ଦ୍ରାବତୀ ଜଳଭଣ୍ଡାର ମଧ୍ୟରେ ରହିଛି। ଜଳଭଣ୍ଡାର ମଧ୍ୟରେ ଗୁରୁମାଇଁଗୁଡ଼ା, ଟାଙ୍ଗିଣୀକୋଟ, ବାଗ୍ରା, ଝୋଲାଗୁଡ଼ା, ତୋରଲୋଙ୍ଗ ପାଇଁ ବାଗ୍ରାରେ ଅସ୍ଥାୟୀ ମତଦାନ କେନ୍ଦ୍ର କରାଯାଇଛି। ଏହି ବୁଥ୍‌ରେ ୩ ଜଣ ପୋଲିଂ ଅଧିକାରୀ, ଜଣେ ସୁରକ୍ଷା କର୍ମୀ, ଜଣେ ସେକ୍ଟର ଅଧିକାରୀଙ୍କୁ ନିୟୋଜିତ କରାଯାଇଛି। ଏହି ବୁଥ୍‌ରେ ୨୯୪ ଜଣ ଭୋଟର ଅଛନ୍ତି। ଗୁରୁବାର ପୋଲିଂ ଅଧିକାରୀମାନଙ୍କୁ ଇନ୍ଦ୍ରାବତୀ ଜଳଭଣ୍ଡାରର କେନ୍ଦୁଗୁଡ଼ା ଘାଟରୁ ବୋଟ୍ ଯୋଗେ ବୁଥ୍‌କୁ ପଠାଯାଇଛି। ବ୍ଲକ ପ୍ରଶାସନ ପକ୍ଷରୁ ଏହି ବୁଥ୍‌ରେ ନିର୍ବାଚନ ସୁରୁଖୁରୁରେ କରିବା ପାଇଁ ସମସ୍ତ ପ୍ରସ୍ତୁତି କରାଯାଇଛି। ଅବାଧ, ନିରପେକ୍ଷ ଓ ଶାନ୍ତିଶୃଙ୍ଖଳାର ସହିତ ନିର୍ବାଚନ ଶେଷ କରିବା ପାଇଁ ଗୁରୁତ୍ୱ ଦିଆଯାଉଛି ବୋଲି ବିଡିଓ ଦୁର୍ଯ୍ୟୋଧନ ଭୋଇ ପ୍ରକାଶ କରିଛନ୍ତି।

## ୪୪, ୩୧୨ ଭୋଟରଙ୍କ ହାତରେ ୨୪୦ ପ୍ରାର୍ଥୀଙ୍କ ଭାଗ୍ୟ

ନନ୍ଦାହାଣ୍ଡି , ୧୭।୨(ଡି.ଏନ୍.ଏ.)

ପଞ୍ଚାୟତ ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟ ମତଦାନ ନିମନ୍ତେ ନବରଙ୍ଗପୁର ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଦ୍ୱିତୀୟ ପର୍ଯ୍ୟାୟରେ ନବରଙ୍ଗପୁର ଜିଲାର ନନ୍ଦାହାଣ୍ଡି ଏବଂ ତେନ୍ତୁଳିଖୁଣ୍ଟି ବ୍ଲକରେ ନିର୍ବାଚନ ହେବ। ନନ୍ଦାହାଣ୍ଡି ବ୍ଲକରେ ଦୁଇଟି ଜିଲା ପରିଷଦ, ୧୧ ପଞ୍ଚାୟତ ସରପଞ୍ଚ, ସମିତି ସଭ୍ୟ ଏବଂ ୱାର୍ଡମେମ୍ବର ଆସନ ପାଇଁ ନିର୍ବାଚନ ଅନୁଷ୍ଠିତ ହେବ। ୧୧ ପଞ୍ଚାୟତ ମଧ୍ୟରୁ ୧୦ ପଞ୍ଚାୟତରେ ସରପଞ୍ଚ ପଦବୀ ପାଇଁ ନିର୍ବାଚନ ହେବ। ବି.ମାଳିଗୁଡ଼ା ପଞ୍ଚାୟତ ସରପଞ୍ଚ ପ୍ରାର୍ଥୀଙ୍କ ମୃତ୍ୟୁ ହୋଇଥିବାରୁ ସେଠାରେ ସରପଞ୍ଚ ପଦବୀରେ ହେବାକୁ ଥିବା ନିର୍ବାଚନକୁ ସ୍ଥଗିତ ରଖାଯାଇଛି। ଅନ୍ୟ ୧୦ ପଞ୍ଚାୟତରେ ସରପଞ୍ଚ ଆସନ ପାଇଁ ମୋଟ ୩୩ ଜଣ ପ୍ରାର୍ଥୀ ଅଛନ୍ତି। ନନ୍ଦାହାଣ୍ଡି ବ୍ଲକର ସମସ୍ତ ୧୧ ପଞ୍ଚାୟତରେ ୩୬ ସମିତି ସଭ୍ୟ ପ୍ରାର୍ଥୀ ଏବଂ ୧୬୧ ଜଣ ୱାର୍ଡମେମ୍ବର ପ୍ରାର୍ଥୀ ଅଛନ୍ତି। ଜିଲା ପରିଷଦ ପାଇଁ ଜୋନ୍-୧ରେ ଓ ୨ରେ ୫ ଜଣ



ସରୁଗୁଡା ଆଦର୍ଶ ବିଦ୍ୟାଳୟରୁ ପୋଲିଂ ଅଫିସରମାନେ ବୁଥ୍ ଅଭିମୁଖେ ଯାଉଛନ୍ତି।

ଲେଖାଏ ପ୍ରାର୍ଥୀ ଅଛନ୍ତି। ନନ୍ଦାହାଣ୍ଡି ବ୍ଲକରେ ୪୪, ୩୧୨ ଜଣ ଭୋଟର ୧୩୦ ବୁଥ୍‌ରେ ନିଜର ମତ ସାବ୍ୟସ୍ତ କରିବେ। ଏଥିପାଇଁ ସବୁ ପ୍ରସ୍ତୁତି ସରିଛି। ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିବା ଏସ୍‌ପି ପି.ଏସ୍. ପରଷୋତ୍ତମ ଦାସ ସୂଚନା ଦେଇଛନ୍ତି।

## ୨ ମୋବାଇଲ ଦୋକାନରୁ ଚୋରି

ରାୟଗଡ଼ା ଅଫିସ,୧୭।୨

ରାୟଗଡ଼ା ସହରରେ ଚୋରି ଓ ଡକାୟତି ବଢ଼ିବାରେ ଲାଗିଛି। ବୁଧବାର ରାତିରେ ଶାରଳା ଛକସ୍ଥିତ ଜୟ ମାଁ ଶାରଳା ଓ କ୍ରିଷ୍ଣା ମୋବାଇଲ ଷ୍ଟୋରରୁ ଲକ୍ଷାଧିକ ଟଙ୍କାର ମୋବାଇଲ ଚୋରି ହୋଇଛି। ଦୋକାନର ଶଟର ତାଡ଼ିବା ସହ ଲୁହା ଗ୍ରୀଲ୍‌କୁ ଗ୍ୟାସ୍ କଟରରେ କାଟି ଦୁର୍ବୃତ୍ତମାନେ ଦୋକାନରୁ ଚୋରି କରିବାରେ ସଫଳ ହୋଇଛନ୍ତି। ଜୟ ମା ଶାରଳା ମୋବାଇଲ ଷ୍ଟୋରରୁ ପ୍ରାୟ ୫ ଲକ୍ଷ ଟଙ୍କାର ମୋବାଇଲ ଏବଂ କ୍ରିଷ୍ଣା ମୋବାଇଲ ଦୋକାନରୁ ୮ ରୁ ୯ ଲକ୍ଷ ଟଙ୍କାର ମୋବାଇଲ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଦୋକାନ ମାଲିକ ଦିଲୀପ ରାଉତ ଓ ଶ୍ରୀଧର ଚୌଧୁରୀ ସବୁଦିନ ଭଳି ରାତିରେ ଦୋକାନ ବନ୍ଦ କରି ଯାଇଥିଲେ। ସକାଳେ ଦୋକାନ ଖୋଲିବା ପରେ ଚୋରି ହୋଇଥିବା ଜାଣି ପୋଲିସକୁ ଖବର ଦେଇଥିଲେ। ରାୟଗଡ଼ା ଥାନା ପୋଲିସ ଏବଂ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ ଚଳାଇଛନ୍ତି। ଦୋକାନରେ ଲାଗିଥିବା ସିସିଟିଭି ଫୁଟେଜ ଆଧାରରେ ଦୁର୍ବୃତ୍ତଙ୍କୁ ଧରିବାକୁ ଉଦ୍ୟମ ଚାଲିଥିବା ପୋଲିସ କହିଛି। ଅନ୍ୟପକ୍ଷରେ ବାରମ୍ବାର ସହରରେ ଚୋରି ହେଉଥିବାରୁ ପୋଲିସ ରାତ୍ରିକାଳୀନ ପାଟ୍ରୋଲିଂ କଡ଼ାକଡ଼ି କରିବାକୁ ଦାବି ହେଉଛି।

## ୫ ନଂ.ଜୋନ୍‌ରେ ମନ୍ତ୍ରୀ, ଏମ୍‌ପି ଓ ବିଧାୟକଙ୍କ ପ୍ରଚାର



କାର୍ଯ୍ୟକ୍ରମରେ ମନ୍ତ୍ରୀ, ଏମ୍‌ପି, ବିଧାୟକ ଓ ଅନ୍ୟମାନେ।

ଜି.ଉଦୟଗିରି,୧୭।୨(ଡି.ଏନ.ଏ.)

ଜି.ଉଦୟଗିରି ବ୍ଲକରେ ୨୨ ରେ ହେବ ମତଦାନ। ଏଥିପାଇଁ ଗୁରୁବାର ଜି.ଉଦୟଗିରି ୫ ନଂ. ଜୋନ୍ ବିଜେଡି ପ୍ରାର୍ଥୀ ଲିଲିମା ପ୍ରଧାନଙ୍କ ପାଇଁ ପ୍ରଚାର କରିଛନ୍ତି ମନ୍ତ୍ରୀ ପ୍ରତାପ ଜେନା, ଏମ୍‌ପି ଅଚ୍ୟୁତ ସାମନ୍ତ, ବିଧାୟକ ସାଲୁଗା ପ୍ରଧାନ, ପର୍ଯ୍ୟବେକ୍ଷକ ତଥା ବ୍ରହ୍ମପୁର ବିଧାୟକ ବିକ୍ରମ ପଣ୍ଡା ଓ ସହ ପର୍ଯ୍ୟବେକ୍ଷକ କିଶୋର ମେହେର। ଜି.ଉଦୟଗିରି ବ୍ଲକ ମାଲିକପଡି ଓ ଲିଗାଙ୍ଗଡ ଆଦି ବିଭିନ୍ନ ସ୍ଥାନରେ ଲିଲିମାଙ୍କୁ ବିଜୟୀ କରିବାକୁ ଅନୁରୋଧ କରିଛନ୍ତି। ଏହି ନିର୍ବାଚନୀ ସଭାରେ ଜିଲା ବିଜେଡି ସଭାପତି ସରୋଜ କର୍ଣ୍ଣ, ଜିଲା ମହିଳା ବିଜେଡି ସଭାନେତ୍ରୀ ପୁନମ୍ କହଁର, ଜିଲା ସାଧାରଣ ସମ୍ପାଦକ କିଶୋର ଚନ୍ଦ୍ର ନାୟକ, ବ୍ଲକ ସଭାପତି ଲିଙ୍ଗରାଜ କହଁର, ବ୍ଲକ ମହିଳା ସଭାନେତ୍ରୀ ବିଜୟିନି ନାୟକ, ନଗର ମହିଳା ସଭାନେତ୍ରୀ ଭାନୁପ୍ରଭା ମିଶ୍ର, ବ୍ଲକ ଅଧ୍ୟକ୍ଷ ହୃଦାନନ୍ଦ କହଁର, ବ୍ଲକ ବିଧାୟକ ପ୍ରତିନିଧି ଜମେସ ଚନ୍ଦ୍ର ପ୍ରଧାନ, ଛାତ୍ର ବ୍ଲକ ସଭାପତି ଛଟନ ନାୟକ, ୱାର୍ଡ ସଭାପତିଙ୍କ ସହ ଶତାଧିକ କର୍ମୀ ଓ ଜନସାଧାରଣ ଯୋଗ ଦେଇଥିଲେ। ଏହି ଜିଲା ପରିଷଦ ଜୋନ୍ ନିର୍ବାଚନ ପାଇଁ ୧୧୨ବୁଥରେ ୨୮୯୧୦ ମତଦାତା ମତଦାନ କରିବେ।

## ମୁଖ୍ୟମନ୍ତ୍ରୀ ମେଧାବୃତ୍ତି ପାଇଲେ ୩୩ ଛାତ୍ରୀଛାତ୍ର

ଗୁଣପୁର,୧୭।୨(ଡି.ଏନ୍.ଏ.)

ଶିକ୍ଷାବର୍ଷ ୨୦୨୦-୨୧ ପାଇଁ ମୁଖ୍ୟମନ୍ତ୍ରୀ ମେଧାବୃତ୍ତି ପରୀକ୍ଷାଫଳ ବୁଧବାର ପ୍ରକାଶ ପାଇଛି। ଏଥିରେ ରାୟଗଡ଼ା ଜିଲା ଗୁଣପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀଛାତ୍ର ମାନେ ସଫଳତା ପାଇଛନ୍ତି। ୧୦ମ ଶ୍ରେଣୀର ମୋଟ ୩୫ ପିଲାଙ୍କ ମଧ୍ୟରୁ ୩୩ ଜଣ ମେଧାବୃତ୍ତି ପାଇବା ନିମନ୍ତେ ଚୟନ ହୋଇଛନ୍ତି।

ସେହି ୩୩ କୃତୀ ବିଦ୍ୟାର୍ଥୀଙ୍କ ମଧ୍ୟରେ ୪ ଜଣ ଓଡ଼ିଆ ଭାଷାବୃତ୍ତି ପାଇବାରେ କୃତକାର୍ଯ୍ୟ ହୋଇଛନ୍ତି। ଏହା ବିଦ୍ୟାଳୟ ପାଇଁ ଗୌରବ ଏବଂ ସମ୍ମାନର ବିଷୟ ହୋଇଛି। ପିଲାଙ୍କ ଏହି ସଫଳତା ପାଇଁ ସଭାପତି ବି.ଗଜପତି ରାଓ, ସମ୍ପାଦକ ସୋମନାଥ ଗୌଡ଼, ପ୍ରଧାନ ଆଚାର୍ଯ୍ୟ ପ୍ରଫୁଲ୍ଲ ଶତପଥୀଙ୍କ ସମେତ ଗୁରୁମା ଓ ଗୁରୁଜୀମାନେ କୃତଜ୍ଞତା ଏବଂ ଶୁଭକାମନା ଜଣାଇଛନ୍ତି।

## ଲାଲସିଂରେ ବିଜେଡିର ପ୍ରଚାର

ଭଞ୍ଜନଗର,୧୭।୨(ଡି.ଏନ୍.ଏ.)

ଭଞ୍ଜନଗର ବ୍ଲକ ଲାଲସିଂ ପଞ୍ଚାୟତରେ ବିଜେଡି ସମସ୍ତ ପୁରୁଣା ଏବଂ ନୂଆ କର୍ମୀଙ୍କୁ ନେଇ ପ୍ରଚାରକୁ ଜୋରଦାର କରିଛି। ଗୁରୁବାର ବିଜେଡ଼ର ବାଇକ ରାଲି ପଞ୍ଚାୟତର ସମସ୍ତ ଗ୍ରାମ ପରିକ୍ରମା କରିଥିଲା। ଜିଲାପରିଷଦ ପ୍ରାର୍ଥିନୀ ଶୈଳବାଳା ବିଶୋଇ, ସରପଞ୍ଚ ପ୍ରାର୍ଥୀ ଶିବରାମ ସାହୁ, ସମିତିସଭ୍ୟ ପ୍ରାର୍ଥିନୀ ରାଜଲକ୍ଷ୍ମୀ ପ୍ରଧାନ ଘରକୁ ଘର ବୁଲି ଭୋଟ ଭିକ୍ଷା କରିଥିଲେ। ଆସନ୍ତା ୧୯ ତାରିଖରେ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିବାକୁ ଆସିବାର କାର୍ଯ୍ୟକ୍ରମ ରହିଛି। ଅପରପକ୍ଷେ ଉକ୍ତ ପଞ୍ଚାୟତର ସ୍ୱାଧୀନ ସରପଞ୍ଚ ପ୍ରାର୍ଥୀ ଦିବାକର ଗଉଡ ଏବଂ



ବିଜେଡି ପକ୍ଷରୁ ପ୍ରଚାର ଚାଲିଛି ।

ଭାଜପା ସମର୍ଥିତ ସରପଞ୍ଚ ପ୍ରାର୍ଥୀ ଲେଲିନ୍ ରାଉତ ଗୁରୁବାର ସକାଳେ ଏକ ଚା' ଦୋକାନରେ କଥା ହେଉଥିବା ଏକ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଉକ୍ତ ଫଟୋକୁ ସ୍ୱାଧୀନ ସମିତିସଭ୍ୟ ପ୍ରାର୍ଥିନୀ ମୀନତି ସ୍ୱାଇଁଙ୍କ ସ୍ୱାମୀ ସୁଶାନ୍ତ ସ୍ୱାଇଁ ନିଜ ଫେସବୁକ୍ ଆଇଡିରେ ଛାଡିଛନ୍ତି। ଏନେଇ ଉଭୟ ପ୍ରାର୍ଥୀଙ୍କୁ ପଚାରିବାରେ ଏହା ସେମାନଙ୍କ ବ୍ୟକ୍ତିଗତ ସମ୍ପର୍କକଥା ଓ ଏଥିରେ କୌଣସି ରାଜନୀତି ନାହିଁ ବୋଲି କହିଛନ୍ତି।

## ଗାଁକୁ ଗାଁ ବୁଲି ରୋଡ୍‌ଶୋ କରି ଭୋଟ୍ ଭିକ୍ଷା କରୁଛି ବିଜେଡି

ଉମରକୋଟ, ୧୭।୨(ସ୍ୱ.ପ୍ର.)



କୁର୍ସି ଗାଁରେ ବିଜେଡି ପ୍ରାର୍ଥୀ ସମର୍ଥକଙ୍କ ସହ ପ୍ରଚାର କରୁଛନ୍ତି।

ଗାଁକୁ ଗାଁ ବୁଲି ଭୋଟରଙ୍କ ନିକଟତର ହେଉଛନ୍ତି ବିଜେଡି ପ୍ରାର୍ଥୀ ଓ କର୍ମୀ। ନିର୍ବାଚନ ଯେତିକି ପାଖେଇ ଆସୁଛି ଗାଁରେ ଭିଡ଼ ସେତିକି ବଢ଼ି ବଢ଼ି ଚାଲିଛି। ଦଳ ପକ୍ଷରୁ କରାଯାଉଛି ରୋଡ୍ ଶୋ। ନବରଙ୍ଗପୁର ଜିଲା ବିଜେଡି ସଂଯୋଜକ ପ୍ରମୋଦ ପାଢ଼ୀଙ୍କ ନେତୃତ୍ୱରେ ଗୁରୁବାର ନବରଙ୍ଗପୁର ଜିଲା ବିଜେଡି ସଂଯୋଜକ ପ୍ରମୋଦ ପାଢ଼ୀଙ୍କ ନେତୃତ୍ୱରେ ଗୁରୁବାର ଉମରକୋଟ ଜିଲା ପରିଷଦ ଜୋନ୍-୨ ପ୍ରାର୍ଥୀ ଛାୟା ବିଶ୍ୱାସଙ୍କ ପାଇଁ କର୍ମୀମାନେ ଭୋଟ ଭିକ୍ଷା କରିଛନ୍ତି। ବିଜେଡି ସମର୍ଥିତ ସରପଞ୍ଚ ଓ ସମିତି ସଭ୍ୟ, ୱାର୍ଡମେମ୍ବରଙ୍କୁ ଭୋଟ ଦେବାକୁ ନିବେଦନ କରାଯାଇଛି। ଦଳୀୟ ନେତା ଓ କର୍ମୀମାନେ କେନ୍ଦ୍ର ସରକାରଙ୍କ ଉପରେ ବର୍ଷି ଥିଲେ। ବିଭିନ୍ନ ସାମଗ୍ରୀର ଦରବୃଦ୍ଧି ପାଇଁ କେନ୍ଦ୍ର ହିଁ ଦାୟୀ ବୋଲି ସେମାନେ କହିଥିଲେ। ମୁଖ୍ୟମନ୍ତ୍ରୀଙ୍କ ନିର୍ମଳ ଶାସନ ଓ ଓଡ଼ିଶା ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ ଲୋକଙ୍କୁ ବୁଝାଇବା ସହ ଦଳୀୟ ପ୍ରାର୍ଥୀଙ୍କୁ ଭୋଟ ଦେବାକୁ ବିଜେଡି କର୍ମୀମାନେ ଭୋଟରଙ୍କୁ କହୁଛନ୍ତି। ଉମରକୋଟ ବ୍ଲକ ଅଧୀନରେ ଥିବା ୩ ଜୋନ୍ ବିଜେଡି କବ୍‌ଜାକୁ ଆସିବ ଓ ବ୍ଲକ୍ ଚେୟାରମ୍ୟାନ ଆମେ ହିଁ କରିବୁ ବୋଲି ଦୃଢ଼ୋକ୍ତିର ସହ କହିଛନ୍ତି ଜିଲା ସଂଯୋଜକ। ଜିତିବା ପରେ ଅଧାପନ୍ତରିଆ ଥିବା କାର୍ଯ୍ୟ, ଅନେକଙ୍କୁ ପେନ୍‌ସନ, ବିଜୁପକ୍କା ଘର, ରାସ୍ତା, ସ୍ୱାସ୍ଥ୍ୟସେବା,ବିଜୁଳି ସେବା ଲୋକଙ୍କୁ ଯୋଗାଇ ଦେବେ ବୋଲି ପ୍ରାର୍ଥୀ ଛାୟା ବିଶ୍ୱାସ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଶତାଧିକ ସ୍ଥାନୀୟ ବିଜେଡି କର୍ମୀ ଉପସ୍ଥିତ ଥିଲେ।

## ଗଞ୍ଜାମ ଜିଲା ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚର ସାଧାରଣ ସଭା

ବ୍ରହ୍ମପୁର ଅଫିସ,୧୭।୨

ଉତ୍କଳ ଆଶ୍ରମ ପାଠାଗାର ସଭାଗୃହରେ ଗଞ୍ଜାମ ଜିଲା ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚର ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘ ସଭାପତି ରାଧା ଚରଣ ନାୟକ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ପୁଲୱାମା ଶହୀଦ, ଲତା ମଙ୍ଗେସ୍‌କର ଏବଂ ବିଶିଷ୍ଟ ସଙ୍ଗୀତଜ୍ଞ ବାପି ଲାହିରୀଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଏଥିସହିତ ଅନୁଷ୍ଠାନ କୋଷାଧ୍ୟକ୍ଷ ନରସିଂହ ପାଣିଗ୍ରାହୀଙ୍କ ସ୍ମୃତିଚାରଣ କରି ଆତ୍ମାର ସଦ୍‌ଗତି କାମନା କରାଯାଇଥିଲା। ସାଧାରଣ ସମ୍ପାଦକ ଦୀନବନ୍ଧୁ ଶ୍ରୀପଲ୍ଲବ ସମ୍ପାଦକୀୟ ବିବରଣୀ ପାଠକରି ବିଭିନ୍ନ ପ୍ରସଙ୍ଗ ଉପସ୍ଥାପନ କରିଥିଲେ। ରୁଷ୍ ଓ ୟୁକ୍ରେନ୍‌ରେ ଦେଖାଦେଇଥିବା ବିଶ୍ୱ ଯୁଦ୍ଧ ପରିସ୍ଥିତି ନେଇ ସଭାରେ ଘୋର ଉଦ୍‌ବେଗ ପ୍ରକାଶ ପାଇଥିଲା। ଯଥାଶୀଘ୍ର ଏହାକୁ ନିୟନ୍ତ୍ରଣ କରିବାକୁ ବିଶ୍ୱ ସମୁଦାୟକୁ ଅନୁରୋଧ କରାଯାଇଥିଲା। ଏଥିସହ ସମସ୍ତ ସାଧାରଣ ଯାତ୍ରୀବାହୀ ମେମୋ ଟ୍ରେନ୍ ଚଳାଚଳ କରିବା ସହ ସମ୍ପୂର୍ଣ୍ଣ ଭାବରେ ସଂରକ୍ଷଣ ବ୍ୟବସ୍ଥା ଉଚ୍ଛେଦ କରାଯାଇ ସାଧାରଣ ଭଡ଼ା ଲାଗୁ ପାଇଁ ଦାବି ହୋଇଥିଲା। ବରିଷ୍ଠ ନାଗରିକଙ୍କୁ ସମସ୍ତ ଦ୍ରୁତଗାମୀ ରେଳରେ ପୂର୍ବରୁ ପ୍ରଦତ୍ତ ରିହାତି ପ୍ରଦାନ ନିମନ୍ତେ କେନ୍ଦ୍ର ରେଳମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ କରିବାକୁ ନିଷ୍ପତ୍ତି ହୋଇଥିଲା। ବ୍ରହ୍ମପୁର-ସମ୍ବଲପୁର ରେଳପଥ ନିର୍ମାଣ ପାଇଁ ନିଆଯାଇଥିବା ନିଷ୍ପତ୍ତିକୁ ସ୍ୱାଗତ କରାଯାଇ ଯଥାଶୀଘ୍ର କାର୍ଯ୍ୟ ଆରମ୍ଭ କରିବା ନିମନ୍ତେ କେନ୍ଦ୍ର ସରକାର ଏବଂ ରାଜ୍ୟ ସରକାରଙ୍କୁ ଅନୁରୋଧ କରାଯାଇଥିଲା। ବର୍ତ୍ତମାନ ରାଜ୍ୟରେ ଚାଲିଥିବା ପଞ୍ଚାୟତ ନିର୍ବାଚନ ଓ ଉତ୍ତର ପ୍ରଦେଶ ସମେତ ଅନ୍ୟ ରାଜ୍ୟଗୁଡିକରେ ଚାଲିଥିବା ବିଧାନସଭା ନିର୍ବାଚନ ପରିପ୍ରେକ୍ଷୀରେ ଘଟୁଥିବା ହିଂସାକୁ ସଂଘ ଘୋର ଉଦ୍‌ବେଗ ପ୍ରକାଶ କରିଛି। ହିଂସା ମୁକ୍ତ ଅବାଧ ନିର୍ବାଚନ ପାଇଁ ସମସ୍ତ ରାଜନୈତିକ ନେତୃବୃନ୍ଦ କେନ୍ଦ୍ର ଓ ରାଜ୍ୟ ସରକାର ଏବଂ ଜନସାଧାରଣଙ୍କୁ ଅନୁରୋଧ କରାଯାଇଥିଲା। ଏହି ଆଲୋଚନା ସଭାରେ କୋଷାଧ୍ୟକ୍ଷ ଲଡୁକେଶ ମିଶ୍ରଙ୍କ ସମେତ ଡା. ପ୍ରାଣଚାନ୍ଦ ପଣ୍ଡା, ସ୍ୱର୍ଣ୍ଣପ୍ରଭା ମିଶ୍ର, ଡ.ସୂଚନା ପାଢ଼ୀ, ହାଡିବନ୍ଧୁ ମାଳି, ଚିତ୍ରାନନ୍ଦ ବେବର୍ତ୍ତା ଓ ସୁବାସ ଚନ୍ଦ୍ର ସୁବୁଦ୍ଧି ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ପ୍ରଶାସନର ତ୍ରୁଟି, ଭୋଟ ଦେବାରୁ ବଞ୍ଚିତ ହେବେ ୧୯ ଭୋଟର

କୁନ୍ଦୁରା,୧୭।୨(ଡି.ଏନ.ଏ.)

କୋରାପୁଟ ଜିଲା କୁନ୍ଦୁରା ବ୍ଲକର ରାଣୀଗୁଡା ପଞ୍ଚାୟତର ୧୯ ଜଣ ଭୋଟର ପ୍ରଶାସନ ତ୍ରୁଟି ଯୋଗୁ ଚଳିତ ପଞ୍ଚାୟତ ନିର୍ବାଚନରେ ଭୋଟ ଦେବାରୁ ବଞ୍ଚିତ ହେବେ। ରାଣୀଗୁଡା ପଞ୍ଚାୟତର ଚେରକିଆଗୁଡା ଏବଂ ବାରଙ୍ଗଗୁଡା ମିଶି ଗୋଟିଏ ୱାର୍ଡ ହୋଇଥିବା ବେଳେ ଏଠାରେ ରହିଥିବା ୧୯ ଜଣ ଭୋଟରଙ୍କ ନାମ ଆଟିଗାଁରେ ରହିଥିବା ଭୋଟର ତାଲିକାରେ ରହିଛି। ଏଠାରେ ୱାର୍ଡମେମ୍ବର ପାଇଁ ଭୋଟ ହେଉଥିବା ବେଳେ ଏହି ଭୋଟରମାନେ ନିଜ ୱାର୍ଡରେ ସମର୍ଥିତ ପ୍ରାର୍ଥୀଙ୍କୁ ଭୋଟ ଦେଇ ପାରୁ ନ ଥିବାରୁ ଦୁଃଖ ପ୍ରକାଶ କରିଛନ୍ତି। ଏନେଇ ସେମାନେ ଗୁରୁବାର ବିଡିଓଙ୍କୁ ଭେଟ ଜଣାଇଛନ୍ତି। ବିଡିଓ ଉନ୍ନୟନ ଅଧିକାରୀ ସ୍ନେହପ୍ରଭା ମାଝୀଙ୍କୁ ଏ ବିଷୟରେ ଜଣାଇବାରୁ ସେ କହିଛନ୍ତି ଯେ, ଭୋଟର ତାଲିକା ସଂଶୋଧନ ନେଇ ଆପତ୍ତି, ଅଭିଯୋଗ ସମୟ ସୀମା ମଧ୍ୟରେ ସଂଶୋଧନ ହୋଇଥାଏ। ସେହି ସମୟରେ ସମ୍ପୃକ୍ତ ଭୋଟର ଜଣାଇ ନାହାନ୍ତି ବୋଲି ସେ କହିଥିଲେ।

## ନକଲିକୁ ଅସଲି କରି ବିକୁଥିଲେ ମହିଳା, ଗିରଫ କଲା ଅବକାରୀ ବିଭାଗ

- ସ୍ପିରିଟ, କ୍ୟାରାମିନ ମିକ୍ସ କରି ତିଆରି କରୁଥିଲେ ନକଲି ମଦ
- ବିଦେଶୀ ବ୍ରାଣ୍ଡ୍ ବୋତଲରେ ଭର୍ତ୍ତିକରି ବିକ୍ରି

ନବରଙ୍ଗପୁର, ୧୭।୨(ବି.ପ୍ର.)



ଅବକାରୀ ବିଭାଗ ପକ୍ଷରୁ ଜବତ ହୋଇଥିବା ମଦ ବୋତଲ ଓ ନକଲି ମଦ।

ମଦମୁକ୍ତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଲକ୍ଷ୍ୟ ନେଇ ରାଜ୍ୟ ନିର୍ବାଚନ କମିଶନରଙ୍କ ନିର୍ଦ୍ଦେଶ ପରେ ନବରଙ୍ଗପୁରରେ ବ୍ରହ୍ମପୁର ଅବକାରୀ ବିଭାଗ ଚଢ଼ାଉ କରିଛି। ବିପୁଳ ପରିମାଣର ବିଦେଶୀ ନକଲି ମଦ ଜବତ କରିବା ସହ ଅବକାରୀ ବିଭାଗ ଜଣେ ମହିଳାକୁ ଗିରଫକରି କୋର୍ଟଚାଲାଣ କରିଛି। ଦକ୍ଷିଣାଞ୍ଚଳ ଅବକାରୀ କମିଶନର ଆଶିଷ କୁମାର ସିଂଙ୍କ ନିର୍ଦ୍ଦେଶ କ୍ରମେ ଅବକାରୀ ଗୋଇନ୍ଦା ସଂସ୍ଥା ଦକ୍ଷିଣାଞ୍ଚଳ ବ୍ରହ୍ମପୁରର ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଅଫ୍ ଏକ୍ସସାଇଜ କୁବେର ସେଠୀଙ୍କ ତତ୍ତ୍ୱାବଧାନରେଏସ୍‌ଆଇ ବିଶ୍ୱଜିତ ଦାସ, ସୁଦର୍ଶନ ବିଷୋୟୀ, ନବରଙ୍ଗପୁର ଏକ୍ସସାଇଜ ଇନ୍ସପେକ୍ଟର ସୁଧୀର ସାହୁ , ଏଏସ୍‌ଆଇ ବ୍ରଜ ନାୟକ, ସୁବ୍ରତ ହିରନ୍‌ଙ୍କ ସମେତ ୨୦ରୁ ଊର୍ଦ୍ଧ୍ୱ ଅବକାରୀ କର୍ମଚାରୀ ଚଢ଼ାଉରେ ସାମିଲ ଥିଲେ। ତୋଟା ସାହିରେ ଅଚାନକ ଚଢ଼ାଉକରି ମିନତି ପରିଡ଼ାଙ୍କ ଘରୁ ବିପୁଳ ପରିମାଣର ବିଭିନ୍ନ ବ୍ରାଣ୍ଡ୍‌ର ବିଦେଶୀ ମଦ ବୋତଲ, ଅବକାରୀ ଲେବୁଲ ସହ ୩୪ ଲିଟର ନକଲି ମଦ ଜବତ ହୋଇଛି। ଏହି ଘଟଣାରେ ଅବକାରୀ ପୋଲିସ ମିନତିଙ୍କୁ ଗିରଫ କରିଛି। ସ୍ପିରିଟ ସହ କ୍ୟାରାମିନ ମିଶାଇ ନକଲି ମଦ ପ୍ରସ୍ତୁତକରି ବୋତଲରେ ପ୍ୟାକିଂକରି ବଜାରରେ ବିକ୍ରି କରୁଥିବା ଅଭିଯୋଗ ହୋଇଛି। ମହିଳା ବିଭିନ୍ନ ନାମୀଦାମୀ କମ୍ପାନୀର ବୋତଲ କେଉଁଠାରୁ ଆଣୁଥିଲେ ଏବଂ ଏଥିସହ ଅବକାରୀ ଲେବଲ ମଧ ବୋତଲରେ ବ୍ୟବହାର କରୁଥିଲେ ମଧ ଆଜିଯାଏ ନବରଙ୍ଗପୁର ଅବକାରୀ ବିଭାଗ ପାଖରେ ଖବର କିପରି ନ ଥିଲା ବୋଲି ପ୍ରଶ୍ନ ଉଠିଛି। ବ୍ରହ୍ମପୁରର ଗୋଇନ୍ଦା ଟିମ୍ ଖବର ପାଇ ନବରଙ୍ଗପୁରରେ ଚଢ଼ାଉ କରି ନକଲି ମଦ ପ୍ରସ୍ତୁତି ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ତେବେ ମହିଳାଙ୍କ ପାଖକୁ ବିଭିନ୍ନ ବ୍ରାଣ୍ଡ୍‌ର ବୋତଲ ଆଉ ଠିପି କେଉଁ ଜାଗାରୁ ଆସୁଥିଲା, କିଏ କିଏ ଏହି ନକଲି ମଦ କାରବାରରେ ସମ୍ପୃକ୍ତ ଅଛନ୍ତି ତାହା ତଦନ୍ତ ପରେ ଜଣାପଡ଼ିବ ବୋଲି ସୂଚନା ଦେଇଛି ଅବକାରୀ ବିଭାଗ।

## ସ୍ମାର୍ଟ ରାସ୍ତା ନିର୍ମାଣରେ ବିଳମ୍ବ

ବ୍ରହ୍ମପୁର ଅଫିସ,୧୭।୨

ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ନିର୍ମିତ ହେଉଥିବା ସ୍ମାର୍ଟ ରାସ୍ତା ନିର୍ମାଣରେ ବର୍ତ୍ତମାନ ବିଳମ୍ବ ଦେଖାଦେଇଛି। ଫଳରେ ଏହି ରାସ୍ତା ନିର୍ମାଣ ଧାର୍ଯ୍ୟ ସମୟ ମଧ୍ୟରେ ସରିବ କି ନାହିଁ ଏବେ ପ୍ରଶ୍ନ ଉଠିଛି। ସୂଚନା ଥାଉ କି, ବିଏମ୍‌ସି ପକ୍ଷରୁ ୧୫ କୋଟି ଟଙ୍କା ବ୍ୟୟରେ ସହରର ୫ ପୁରାତନ ରାସ୍ତା ନିର୍ମିତ ହେଉଛି। ଏଥିମଧ୍ୟରୁ ୱାର୍ଡ ନଂ. ୧୯ ଅନ୍ତର୍ଗତ ସୁବାରାଓ ଛକ ଓ ଷ୍ଟେଟ ବ୍ୟାଙ୍କ ମୁଖ୍ୟ ଶାଖାଠାରୁ ସେଣ୍ଟ ଭିନ୍‌ସେଣ୍ଟ ସ୍କୁଲ ରାସ୍ତା, ଜ୍ୟୋତି ପେଟ୍ରୋଲ ପମ୍ପଠାରୁ ଗାନ୍ଧୀନଗର ଛକ ରାସ୍ତା ନିର୍ମାଣ କାର୍ଯ୍ୟ ଜାରି ରହିଛି। ସେହିଭଳି ଗାନ୍ଧୀନଗର ଉପର ଛକ ଖଲାସି ସାହିଠାରୁ ଗାନ୍ଧୀନଗର ଛକ ରାସ୍ତା ଯାଏ ଓ ୧୮ ନଂ. ୱାର୍ଡ ଅଧୀନସ୍ଥ ଜାତୀୟ ରାଜପଥ ୫୯ଠାରୁ ଭେଙ୍କଟେଶ୍ୱର ମନ୍ଦିର ସାହି ରାସ୍ତା କପିଳେଶ୍ୱର ମନ୍ଦିର ରାସ୍ତା ନିର୍ମାଣାଧୀନ ରହିଛି। ବିଏମ୍‌ସି ପକ୍ଷରୁ ଜାନୁୟାରୀରେ ରାସ୍ତା କାର୍ଯ୍ୟ ଆରମ୍ଭ ହୋଇଥିଲା। ଆସନ୍ତା ୩ ମାସ ଅର୍ଥାତ



ନିର୍ମାଣଧୀନ ସ୍ମାର୍ଟ ରାସ୍ତା।

ମାର୍ଚ୍ଚରେ ରାସ୍ତା କାର୍ଯ୍ୟ ସରିବା ନେଇ ଲକ୍ଷ୍ୟ ରଖାଯାଇଛି। ତେବେ ଉକ୍ତ ସମସ୍ତ ରାସ୍ତା ମଧ୍ୟରୁ ଗାନ୍ଧୀନଗର ତଳ ରାସ୍ତା ଏଯାବତ୍ କାର୍ଯ୍ୟ ଆରମ୍ଭ ହୋଇନାହିଁ। ଅନ୍ୟପଟେ ଅନେକ ରାସ୍ତାରୁ ଉଚ୍ଛେଦ ହୋଇ ନ ଥିବା ମଧ ବିଏମ୍‌ସି କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି। ଏଥିସହ ଗାନ୍ଧୀନଗର ଉପର ରାସ୍ତା କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ନ ଥିବା ବେଳେ କେବଳ ଡ୍ରେନ୍ କାର୍ଯ୍ୟ ଶେଷ କରାଯାଇଛି। ରାସ୍ତା ସମ୍ପୂର୍ଣ୍ଣ ହେବା ଯାଏ ବିଏମସି ପକ୍ଷରୁ ଏହାକୁ ବନ୍ଦ କରାଯାଇଥିବା ବେଳେ ବର୍ତ୍ତମାନ ଏହି ରାସ୍ତାରେ ଗାଡି ଚଳାଚଳ ଆରମ୍ଭ ହୋଇଛି। ଫଳରେ ମାର୍ଚ୍ଚରେ ସମସ୍ତ ସ୍ମାର୍ଟ ରାସ୍ତା ନିର୍ମାଣ କାର୍ଯ୍ୟ ସରିବା ନେଇ ଅନିଶ୍ଚିତତା ଦେଖାଦେଇଛି। ଏ ନେଇ ବିଏମ୍‌ସି ନିର୍ବାହୀ ଯନ୍ତ୍ରୀ ଇଂ.ବସନ୍ତ କୁମାର ପାଢୀଙ୍କୁ ପଚାରିବାରେ ଧାର୍ଯ୍ୟ ସମୟ ମଧ୍ୟରେ କାର୍ଯ୍ୟ ସାରିବା ନେଇ ଲକ୍ଷ୍ୟ ରଖାଯାଇଛି। ଖୁବ ଶୀଘ୍ର କାର୍ଯ୍ୟ ସଂପୂର୍ଣ୍ଣ ହେବ ବୋଲି ସେ କହିଛନ୍ତି।

